# ଦିଗ୍‌ଭ୍ରାନ୍ତ ସୂଚନା ଅଧିକାର ଆନ୍ଦୋଳନ

ବର୍ତ୍ତମାନ ଦେଖାଯାଉଛି ଯେ, ଅନ୍ୟକେତେକ ରାଜ୍ୟରେ ଯେଭଳି ସୂଚନା ଅଧିକାର ଆଇନ୍ ଚାଲୁ ହୋଇଛି, ସେଭଳି ଏକ ଆଇନ୍ ଓଡିଶାରେ ଚାଲୁ କରିବାପାଇଁ କିଛି ସଂଗଠନ ଓ ବ୍ୟକ୍ତିବିଶେଷ ଦାବୀ ଓ ଆନ୍ଦୋଳନ କରିଆସୁଛନ୍ତି । ସେମାନଙ୍କର ଧାରଣା ଏଭଳି ଏକ ଆଇନ୍ ଚାଲୁ ହୋଇଗଲେ, ଜନସାଧାରଣଙ୍କୁ ସରକାରୀ ଓ ସର୍ବସାଧାରଣ ସଂସ୍ଥାମାନଙ୍କରୁ ତଥ୍ୟ ମିଳିବା କ୍ଷେତ୍ରରେ ରହିଥିବା ଆଇନ୍‌ଗତ ବାଧାଗୁଡିକ ହଟିଯାଇପାରିବ ଏବଂ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ପ୍ରଶାସନ ପ୍ରତିଷ୍ଠା ଦିଗରେ ଏହି ଆଇନ୍ ଏକ ବଳିଷ୍ଠ ପଦକ୍ଷେପ ରୂପେ କାର୍ଯ୍ୟ କରିବ । ଏହି ଲେଖକ ମଧ୍ୟ ଅତୀତରେ ଏହିଭଳି ଚିନ୍ତାଧାରର ବଂଶବର୍ତ୍ତୀ ହୋଇ ଓଡିଶାରେ ସ୍ୱତନ୍ତ୍ର ଭାବେ ଏକ ସୂଚନା ଅଧିକାର ଆଇନ୍ ପ୍ରଣୟନ ସପକ୍ଷରେ ମତ ପ୍ରକାଶ କରିଆସୁଥିଲେ । କିନ୍ତୁ ପରିବର୍ତ୍ତିତ ପରିପ୍ରେକ୍ଷିରେ, ବିଶେଷକରି କେନ୍ଦ୍ରୀୟ ସ୍ତରରେ ସୂଚନାର ସ୍ୱାଧିନତା ଆଇନ୍ ୨୦୦୨ ପାର୍ଲାମେଣ୍ଟରେ ଗୃହୀତ ହୋଇ ଗତ ୬ ଜାନୁଆରୀରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭକରି ସମଗ୍ର ଦେଶରେ ଲାଗୁ ହୋଇଗଲା ପରେ ଏହି ଲେଖକଙ୍କ ମନରେ ସ୍ୱତଃ ପ୍ରଶ୍ନ ଉଠେ- କେନ୍ଦ୍ରୀୟ ଆଇନ୍‌ଟି ଏହାର ଧାରା ୧(ଖ) ଅନୁଯାୟୀ କେବଳ ଜାମ୍ମୁ ଓ କାଶ୍ମୀରକୁ ବାଦ୍‌ଦେଇ ଏକାଧାରରେ କେନ୍ଦ୍ର, ସମସ୍ତ ରାଜ୍ୟସମୂହ ତଥା କେନ୍ଦ୍ରଶାସିତ ଅଂଚଳ ମାନଙ୍କ ପାଇଁ ଲାଗୁ ହୋଇଥିଲାବେଳେ ପୁଣି ଓଡିଶା ଭଳି ରାଜ୍ୟମାନଙ୍କ ପାଇଁ ଅଲଗା ଅଲଗା ଭାବେ ସୂଚନା ଅଧିକାର ଆଇନ୍ ପ୍ରଣୟନ କରିବାର କି ଆବଶ୍ୟକତା ଅଛି ?

## କେନ୍ଦ୍ରୀୟ ଆଇନ୍‌ର ବ୍ୟାପକ ପରିସର

ଆଉ ଏକ ଦୃଷ୍ଟିରୁ ମଧ୍ୟ ସୂଚନାର ସ୍ୱାଧିନତା ଆଇନ୍ ୨୦୦୨ର ପରିସର ଅତ୍ୟନ୍ତ ବ୍ୟାପକ । ଏହାର ଧାରା ୨ ରେ ବିଭିନ୍ନ ଶବ୍ଦାବଳୀର ସଂଜ୍ଞା ଦିଆଯାଇଛି । ଉପଧାରା (ଖ) ରେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ( Competent Authorities) ଅର୍ଥାତ୍ କେଉଁମାନଙ୍କ ପାଖରୁ ଜଣେ ନାଗରିକ ସୂଚନା ଦାବୀ କରିପାରିବ, ତହିଁର ସଂଜ୍ଞାମାନ ଦିଆଯାଇଛି । ସେମାନଙ୍କ ମଧ୍ୟରେ ଅଛନ୍ତି, ସଂସଦ ଓ ବିଧାନସଭାର ବାଚସ୍ପତି, ସୁପ୍ରିମ୍ ଓ ହାଇକୋର୍ଟର ମୁଖ୍ୟ ବିଚାରପତି, ତଥା ସମ୍ବିଧାନଦ୍ୱାରା ସୃଷ୍ଟ ଓ ଆଇନାନୁମୋଦିତ ଅନ୍ୟସମସ୍ତ କର୍ତ୍ତୃପକ୍ଷଙ୍କୁ ସ୍ଥଳ ବିଶେଷରେ ପ୍ରତିନିଧିତ୍ୱ କରୁଥିବା ରାଷ୍ଟ୍ରପତି ଓ ରାଜ୍ୟପାଳ । ପାଠକେ ଜାଣିଛନ୍ତି ଯେ, ଭାରତୀୟ ସମ୍ବିଧାନର ଧାରା ୫୨(୧) ଏବଂ ଧାରା ୧୫୪ (୧) ଅନୁଯାୟୀ ରାଷ୍ଟ୍ରପତି ଓ ରାଜ୍ୟପାଳ ଆନୁଷ୍ଠାନିକ ଭାବେ ଯଥାକ୍ରମେ କେନ୍ଦ୍ରୀୟ ଓ ରାଜ୍ୟଶାସନର ମୁଖ୍ୟକର୍ତ୍ତା ଅଟନ୍ତି, ଯେକି ସିଧାସଳଖ ବା ପରୋକ୍ଷରେ ତାଙ୍କ ଅଧିନସ୍ଥ ଅଧିକାରୀ ମାନଙ୍କ ଜରିଆରେ ନ୍ୟସ୍ତ କ୍ଷମତାର ପ୍ରୟୋଗ କରିଥାନ୍ତି । ସୁତରାଂ ଦେଖିବାକୁ ଗଲେ, କେନ୍ଦ୍ର ଓ ରାଜ୍ୟର ବିଧାୟିକା ଓ ନ୍ୟାୟ ପାଳିକା ସମେତ ଉପରୁ ତଳଯାଏଁ ସମସ୍ତ ସରକାରୀ କାର୍ଯ୍ୟାଳୟମାନ ସୂଚନାର ସ୍ୱାଧିନତା ଆଇନ ୨୦୦୨ର ପରିସରଭୁକ୍ତ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୯୯୭ରୁ ଆରମ୍ଭ କରି ଏବେ ସୁଦ୍ଧା ଯେଉଁ ରାଜ୍ୟମାନଙ୍କରେ ( ଯଥା-ତାମିଲନାଡୁ, ଗୋଆ, କର୍ଣ୍ଣାଟକ, ରାଜସ୍ଥାନ ଓ ଦିଲ୍ଲୀ ) ସୂଚନା ଅଧିକାର ଆଇନ୍ ପ୍ରବର୍ତ୍ତିତ ହୋଇଛି, ସବୁଠାରେ ସାଧାରଣତଃ ବିଚାରାଳୟ ଓ ଆଇନ୍ ପ୍ରଣୟନସଭା ( ବିଧାନ ପରିଷଦ/ବିଧାନ ସଭା ) କୁ ଆଇନ୍ ର ପରିସର ବାହାରେ ରଖାଯାଇଛି । ଅର୍ଥାତ୍ ପ୍ରଚଳିତ ଥିବା ରାଜ୍ୟ ସୂଚନା ଅଧିକାର ଆଇନ୍‌ଗୁଡିକ ବଳରେ ଜଣେ ନାଗରିକ କୋର୍ଟ କଚେରୀ ମାନଙ୍କ ଆଗରେ ବା ବିଧାନସଭା ନିକଟରେ ତଥ୍ୟପାଇଁ ଆବେଦନ କରିପାରିବେ ନାହିଁ । ଅଥଚ, ବିଚାରାଳୟ ଓ ବିଧାନସଭାର କାର୍ଯ୍ୟାବଳୀ ସଂବନ୍ଧରେ ଲୋକମାନଙ୍କର ଗଭୀର ତଥ୍ୟଗତ ପ୍ରୟୋଜନ ରହିଛି । ସୁତରାଂ, ଅତୀବ ସଂକୁଚିତ କ୍ଷମତା ପରିସରକୁ ନେଇ ଗଢାଯାଇଥିବା ଉପରୋକ୍ତ ରାଜ୍ୟସ୍ତରୀୟ ସୂଚନା ଅଧାକାର ଆଇନ୍‌ଗୁଡିକ ଯଦି ଅବିଳମ୍ବେ ଉଚ୍ଛେଦ ବା ସଂଶୋଧିତ ନହୁଅନ୍ତି, ତେବେ ସେଗୁଡିକର ଆଳ ଦର୍ଶାଇ ସଂପୃକ୍ତ ରାଜ୍ୟମାନଙ୍କର ବିଚାର ବିଭାଗ ଓ ଆଇନ୍‌ପ୍ରଣୟନ ସଭାମାନେ ନାଗରିକମାନଙ୍କୁ ତଥ୍ୟ ପ୍ରାପ୍ତିରୁ ବଞ୍ଚିତ କରିଚାଲିବେ, ଏପରି ଆଶଙ୍କା ଜନ୍ମିବା ସ୍ୱାଭାବିକ ।

## ସରକାରୀ ଗୋପନୀୟତା ଆଇନ୍ ର ଅସିଦ୍ଧତା

ସୂଚନାର ସ୍ୱାଧିନତା ଆଇନ୍‌ର ଧାରା ୧୪ ରେ ଅନ୍ୟାନ୍ୟ ଆଇନ୍ ତୁଳନାରେ ଏହାର ପ୍ରାଧାନ୍ୟଗତ ପ୍ରଭାବକୁ ଦର୍ଶାଯାଇଛି ଓ କୁହାଯାଇଛି ଯେ, ସରକାରୀ ଗୋପନୀୟତା ଆଇନ୍ ୧୯୨୩ ବା ଅନ୍ୟ ଯେ କୌଣସି ଆଇନ୍ ବା ବିଧାନରେ ଯଦି ଏହା ସହିତ ଅସଙ୍ଗତ ହେଉଥିବା କୌଣସି ବିଧିବ୍ୟବସ୍ଥା ଥାଏ, ତେବେ ତାହାସତ୍ତ୍ୱେ ଏହାର ପ୍ରଭାବ ଅକ୍ଷୁର୍ଣ୍ଣ ରହିବ । ଭାରତୀୟ ପ୍ରମାଣ ଆଇନ୍ ୧୮୭୨ ରେ ଏକ ସ୍ୱଚ୍ଛତା-ପରିପନ୍ଥୀ ଧାରା ରହିଛି- ଜଣେ ସରକାରୀ କର୍ମଚାରୀଙ୍କୁ ତଥ୍ୟ ପ୍ରଦାନ ପାଇଁ ବାଧ୍ୟ କରାଯାଇ ପାରିବନାହିଁ ( ଧାରା ୧୨୪) । ସେହିପରି ଉଭୟ କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ସରକାରୀ କର୍ମଚାରୀଙ୍କ ଆଚରଣ ନିୟମାବଳୀ ରେ ରହିଛି ଯେ, ଜଣେ ରାଜକର୍ମଚାରୀ ସାଧାରଣ ନାଗରିକଙ୍କୁ ବା ଆଉଜଣେ ରାଜ କର୍ମଚାରୀଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷରେ କୌଣସି ତଥ୍ୟ ପ୍ରଦାନ କରିବେ ନାହିଁ । ଓଡିଶା ସଚ୍ଚିବାଳୟ ନିର୍ଦ୍ଦେଶାବଳୀ ୧୯୬୧ରେ ମଧ୍ୟ ଏତାଦୃଶ ବାରଣାଦେଶ ରହିଛି, ଯାହାକୁ ଜଣେ ରାଜକର୍ମଚାରୀ ଲଂଘନ କଲେ, ତାଙ୍କୁ ଚାକିରୀରୁ ବରଖାସ୍ତ ସହିତ ଜେଲ୍‌ଦଣ୍ଡ ମଧ୍ୟ ମିଳିପାରେ । ଏହି ସମସ୍ତ ସ୍ୱଚ୍ଛତା-ପରିପନ୍ଥୀ ଆଇନ୍ ଓ ବିଧିବ୍ୟବସ୍ଥା ଗୁଡିକ ନବ-ପ୍ରବର୍ତ୍ତିତ ସୂଚନାର ସ୍ୱାଧିନତା ଆଇନ୍ -୨୦୦୨ର ଧାରା ୧୪ ବଳରେ ଲୋକମାନଙ୍କୁ

ସୂଚନା ମିଳିବା କ୍ଷେତ୍ରରେ ପ୍ରତିବନ୍ଧକ ରୂପେ ଆଉ ଆଇନତଃ କାର୍ଯ୍ୟ କରିବ ନାହିଁ । କିନ୍ତୁ କୌଣସି ରାଜ୍ୟସ୍ତରୀୟ ସୂଚନା ଅଧିକାର ଆଇନ୍ ରେ କେନ୍ଦ୍ରୀୟ ଆଇନ୍ ବା ବିଧିବିଧାନରେ ଥିବା ସ୍ୱଚ୍ଛତା-ପରିପନ୍ଥୀ କଟକଣା ଗୁଡିକୁ ଅପ୍ରଯୁଜ୍ୟ ବୋଲି ଘୋଷଣା କରିବାର ବ୍ୟବସ୍ଥା ନାହିଁ ଏବଂ ରହି ମଧ୍ୟ ପାରିବ ନାହିଁ । ସୁତରାଂ କେନ୍ଦ୍ର ବା ରାଜ୍ୟ ସ୍ତରରେ ପ୍ରଚଳିତ ସ୍ୱଚ୍ଛତା-ପରିପନ୍ଥୀ ଆଇନ୍‌ଗତ ବ୍ୟବସ୍ଥା ଉପରେ ପ୍ରାଧାନ୍ୟ ଦୃଷ୍ଟିରୁ କେନ୍ଦ୍ରୀୟ ସୂଚନାର ସ୍ୱାଧିନତା ଆଇନ୍ ୨୦୦୨ଯେ ଅଧିକ ପ୍ରଭାବଶାଳୀ, ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ ।

## ପ୍ରସ୍ତାବିତ ଓଡିଶା ସୂଚନା ଅଧିକାର ଆଇନ୍ ର ଗୁରୁଚଣ୍ଡାଳ ଦୋଷ

ଗତ ୨୦୦୨ ଜୁନ୍ ୧୦ ଓ ୧୧ ରେ ଭୁବନେଶ୍ୱରରେ କେୟାର୍ ସଂସ୍ଥା ତରଫରୁ ଅନୁଷ୍ଠିତ ଏକ ରାଜ୍ୟସ୍ତରୀୟ କର୍ମଶାଳାରେ ରାଜ୍ୟ ଲୋକସଂପର୍କ ବିଭାଗର ତଦାନୀନ୍ତନ ସଚ୍ଚିବଙ୍କ ଦ୍ୱାରା ଓଡିଶା ସୂଚନା ଅଧିକାର ଚିଠାବିଧେୟକ-୨୦୦୨ନାମରେ ଏକ ଦଲିଲ୍ ଉପସ୍ଥାପିତ କରାଯାଇଥିଲା । ଏହାର ବିବିଧ ସୀମାବଦ୍ଧତା ଆଲୋଚନା କରିବା ବର୍ତ୍ତମାନ ଲେଖାର ଉଦ୍ଦେଶ୍ୟ ନୁହେଁ । କିନ୍ତୁ ଏଥିରେ ଏକ ଗୁରୁଚଣ୍ଡାଳ ଦୋଷ ରହିଯାଇଛି, ଯାହାଫଳରେ କି, ଏହା ଆଇନ୍ ରୂପେ ଭବିଷ୍ୟତରେ ଗୃହୀତ ହେଲେହେଁ, ଦିନଟିଏ ପାଇଁ ମଧ୍ୟ କାର୍ଯ୍ୟକାରୀ ହୋଇପାରିବ ନାହିଁ । ଏହାର ଧାରା ୯( ଦଣ୍ଡବିଧାନ) ର ଉପଧାରା (ଖ) ରେ କୁହାଯାଇଛି ଯେ, ନିର୍ଦ୍ଧାରିତ ସମୟ ମଧ୍ୟରେ ଆବେଦନକାରୀ ନାଗରିକଙ୍କୁ ଯଦି ଆବଶ୍ୟକୀୟ ସୂଚନା ଯୋଗାଇ ନଦିଆଯାଏ, ତେବେ ସଂପୃକ୍ତ ପଦାଧିକାରୀଙ୍କ ବିରୁଦ୍ଧରେ ପ୍ରଚଳିତ ଚାକିରୀ ନିୟମାବଳୀ ଅନୁଯାୟୀ ପ୍ରଥମେ ତଦନ୍ତ କରାଯିବ, ଏବଂ ସେ ତଦନ୍ତରେ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କ ବିରୁଦ୍ଧରେ ସେହି ନିୟମାବଳୀ ଅନୁଯାୟୀ ଦଣ୍ଡବିଧାନ କରାଯିବ । ପାଠକେ ଜାଣିଥିବେ ଯେ, ଓଡିଶା ସରକାରୀ କର୍ମଚାରୀ ଆଚରଣ ନିୟମାବଳୀ ୧୯୫୯ର ଧାରା ୧୧ ରେ ଅଛି ଯେ, ଜଣେ ସରକାରୀ କର୍ମଚାରୀ ଯେ କୌଣସି ନାଗରିକ ବା ଆଉଜଣେ ସରକାରୀ କର୍ମଚାରୀଙ୍କୁ ଉପରିସ୍ଥ ହାକିମଙ୍କ ବିନାନୁମତିରେ ଯଦି କୌଣସି ସରକାରୀ ତଥ୍ୟକୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ପ୍ରକାଶ କରନ୍ତି, ତେବେ ତାଙ୍କର ସେହି ଆଚରଣ ଦଣ୍ଡନୀୟ । ସୁତରାଂ ସରକାରୀ ତଥ୍ୟର ଗୋପନୀୟତା ରକ୍ଷାକରିବା ପାଇଁ ଗଢାଯାଇଥିବା ଚାକିରୀ ନିୟମାବଳୀ ବଳରେ, ତଥ୍ୟ ପ୍ରଦାନରେ ହେଳା କରୁଥିବା କର୍ମଚାରୀଙ୍କ ବିରୁଦ୍ଧରେ କିପରି ଦଣ୍ଡବିଧାନ କରିହେବ, ତାହା ଭାବିଲେ ଉଭଟ ଲାଗେ । ସୁତରାଂ ଯେଉଁମାନେ ସୂଚନା ଅଧିକାରକୁ କେନ୍ଦ୍ରକରି ନୂଆ ଆଇନ୍ ତିଆରି କରୁଛନ୍ତି, ସେମାନେ ସର୍ବାଗ୍ରେ ପ୍ରଚଳିତ ଆଇନ୍ ଓ ବିଧିବିଧାନଗୁଡିକରେ ଥିବା ସ୍ୱଚ୍ଛତା-ପରିପନ୍ଥୀ ବ୍ୟବସ୍ଥାଗୁଡିକୁ ଚିହ୍ନଟ କରି ସେଗୁଡିକର ସଂଶୋଧନ କରିବା ଦରକାର । ନଚେତ୍ ଘୋଡା ଆଗରେ ଗାଡି ଯୋଇବା ପରିସ୍ଥିତି ଉପୁଜିବ, ଯାହାହିଁ ବର୍ତ୍ତମାନ ଘଟିଛି ।

## ସୂଚନାର ସ୍ୱାଧିନତା ଆଇନ୍ ୨୦୦୨ର ସୀମାବଦ୍ଧତା

ଆପେକ୍ଷିକ ଅର୍ଥରେ, ଏହି କେନ୍ଦ୍ରୀୟ ଆଇନଟି ଯେକୌଣସି ରାଜ୍ୟସ୍ତରୀୟ ସୂଚନା ଅଧିକାର ଆଇନ୍ ଠାରୁ ଅଧିକ ଫଳପ୍ରଦ ବୋଲି ମାଲୁମ୍ ପଡୁଥିଲେହେଁ, ଏହାର କାର୍ଯ୍ୟକାରିତାର ମାର୍ଗରେ ଏକ ମୌଳିକ ପ୍ରତିବନ୍ଧକ ରହିଯାଇଛି । ଏହି ପ୍ରତିବନ୍ଧକର ମୂଳ ଉତ୍ସ ଖୋଦ୍ ଭାରତର ସମ୍ବିଧାନ । ସମ୍ବିଧାନର ୩ୟ ସରଣୀ ( Third Schedule) ରେ ଥିବା ଗୋପନୀୟତାର ଶପଥ ବ୍ୟବସ୍ଥା ଅନୁଯାୟୀ ଏବେ ମଧ୍ୟ କେନ୍ଦ୍ର ବା ରାଜ୍ୟର ଜଣେ ମନ୍ତ୍ରୀ ନିଜର ପଦବୀ ଗ୍ରହଣ ପୂର୍ବରୁ ଶପଥ ନେଇଥାଆନ୍ତି ଯେ, ମନ୍ତ୍ରୀହିସାବରେ ତାଙ୍କୁ ହସ୍ତଗତ ହୋଇଥିବା ସରକାରୀ ତଥ୍ୟ ସେ ପ୍ରତ୍ୟକ୍ଷ ବା ପରୋକ୍ଷରେ କୌଣସି ନାଗରିକଙ୍କୁ ଜଣାଇବେ ନାହିଁ । ସମସ୍ତେ ଜାଣନ୍ତି, ଆମର ସାଂପ୍ରତିକ ରାଜନୈତିକ ବ୍ୟବସ୍ଥାରେ ଜଣେ ମନ୍ତ୍ରୀ ଏକାଧାରରେ ଆଇନ୍ ପ୍ରଣୟନସଭା ( ଲୋକସଭା, ବିଧାନସଭା ପ୍ରଭୃତି )ର ଜଣେ ବିଶିଷ୍ଟ ସଭ୍ୟ ଓ ଗୋଟିଏ ବା ଏକାଧିକ ପ୍ରଶାସନିକ ବିଭାଗର ମୁଖ୍ୟ କର୍ମକର୍ତ୍ତା । ମନ୍ତ୍ରୀଙ୍କ ଅଚରଣର ପ୍ରଭାବ ଗୋଟିଏ ପଟରେ ପ୍ରଶାସନର ଉପରୁ ତଳ ଯାଏଁ ଏବଂ ଅନ୍ୟପଟରେ ରାଜନୈତିକ ଜୀବନର ସର୍ବାଙ୍ଗକୁ ନିୟାମକ ଭାବେ ପ୍ରଭାବିତ କରିଥାଏ । ସୁତରାଂ ମନ୍ତ୍ରୀମାନେ ଗୋପନୀୟତାର ଶପଥ ନେବେ, ଅଥଚ ସେମାନଙ୍କ ଅଧସ୍ତନ ପ୍ରଶାସକମାନେ ନାଗରିକମାନଙ୍କ ପ୍ରତି ନିଜ ଆଚରଣରେ ସ୍ୱଚ୍ଛତା ପ୍ରକାଶ କରିବେ, ଏପରି ଆଶା କରିବା ବୃଥା । ପୁଣି ସମସ୍ତେ ଜାଣିଛନ୍ତି, ସମ୍ବିଧାନର ସ୍ଥାନ ପ୍ରତିଟି ଆଇନ୍‌ର ଉର୍ଦ୍ଧ୍ୱରେ । ତେଣୁ ସୂଚନାର ସ୍ୱାଧିନତା ଆଇନ୍ ୨୦୦୨ର ଧାରା ୧୪ ରେ ଥିବା ପ୍ରାଧାନ୍ୟକାରୀ ପ୍ରଭାବ ( Overriding Effect ) ସମ୍ବିଧାନ ପ୍ରତି ଲାଗୁ ହେବ ନାହିଁ । କେବଳ ସମ୍ବିଧାନ ସଂଶୋଧନ ଦ୍ୱାରା ଏହି ଗୋପନୀୟତାର ଶପଥ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇପାରେ । ଏହି ଦୃଷ୍ଟିରୁ ସମ୍ବିଧାନ କାର୍ଯ୍ୟକାରିତା ସମୀକ୍ଷାକାରୀ ଜାତୀୟ କମିଶନ-୨୦୦୨ ତାଙ୍କ ରିପୋର୍ଟ ରେ କହିଛନ୍ତି ଯେ, ସୂଚନାର ଅଧିକାରକୁ ସମ୍ବିଧାନର ଏକ ମୌଳିକ ଅଧିକାରରେ ପରିଣତ କରିବା ସହିତ ଗୋପନୀୟତାର ଶପଥ ବଦଳରେ ସ୍ୱଚ୍ଛତାର ଶପଥ ବ୍ୟବସ୍ଥା ଗ୍ରହଣ କରିବାକୁ ପଡିବ ( ଦ୍ରଷ୍ଟବ୍ୟ ୬.୧୦)।

## କ’ଣ କରିବାକୁ ହେବ ?

୧) କେନ୍ଦ୍ରୀୟ ସ୍ତରରେ ଗୃହୀତ ହୋଇଯାଇଥିବା ସୂଚନାର ସ୍ୱାଧିନତା ଆଇନ୍ ୨୦୦୨ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପ୍ରଯୁଜ୍ୟ ହୋଇଥିବାରୁ ପୁଣି ପ୍ରତି ରାଜ୍ୟପାଇଁ ଅଲଗା ଅଲଗା କରି ସୂଚନା ଅଧିକାର ଆଇନ୍ ତିଆରି କରିବାର ଆବଶ୍ୟକତା ନାହିଁ । ଅନ୍ୟଥା,

ଗୋଟିଏ ବିଷୟରେ ଉଭୟ କେନ୍ଦ୍ରୀୟ ଓ ରାଜ୍ୟ ଆଇନ୍ ରହିଲେ, ଦୁଇଟି ମଧ୍ୟରେ ଥିବା ପାର୍ଥକ୍ୟକୁ ଆଳକରି ଉଭୟ ସରକାର ଓ ଲୋକମାନଙ୍କ ଭିତରେ ପ୍ରଲମ୍ବିତ ମୋକଦ୍ଦମାଖୋରିତା ବଢ଼ିବ ସିନା, ନାଗରିକ ମାନଙ୍କୁ ସହଜରେ ସୂଚନା ମିଳିବା ସୁଦୂର ପରାହତ ହେବ ।

୨) ଉଭୟ କେନ୍ଦ୍ର ଓ ରାଜ୍ୟସ୍ତରରେ ସରକାରୀ କର୍ମଚାରୀ ମାନଙ୍କର ଆଚରଣକୁ ନିୟନ୍ତ୍ରଣ କରୁଥିବା ଆଇନ୍ ଓ ବିଧିବିଧାନଗୁଡ଼ିକରେ ରହିଯାଇଥିବା ସ୍ୱଚ୍ଛତା-ପରିପନ୍ଥୀ ଧାରା ଓ ବ୍ୟବସ୍ଥାଗୁଡ଼ିକୁ ଚିହ୍ନଟ କରି, ସେଗୁଡ଼ିକର ସଂଶୋଧନ କରିବାକୁ ହେବ ।

୩) କେନ୍ଦ୍ରୀୟ ସୂଚନାର ସ୍ୱାଧିନତା ଆଇନ୍‌୨୦୦୨ କୁ ପ୍ରୟୋଗାତ୍ମକଭାବେ ଉପଯୋଗ କରି ଦେଖିବାକୁ ପଡ଼ିବ, ଏହା କିପରି କାର୍ଯ୍ୟ କରୁଛି । ସେହି ଅଭିଜ୍ଞତାକୁ ଆଧାର କରି ଏହାର ଦୋଷଦୁର୍ବଳତା ଗୁଡ଼ିକୁ ଧରିବା ସହଜ ହେବ ଏବଂ ତତ୍‌ପରେ ସେଗୁଡ଼ିକର କ୍ରମାଗତ ସଂଶୋଧନ ପାଇଁ ଉଦ୍ୟମ ଓ ଆନ୍ଦୋଳନ କରିବାକୁ ହେବ ।

୪) ଜନସାଧାରଣଙ୍କୁ ସୂଚନା ମିଳିବାର ପ୍ରକ୍ରିୟାକୁ ସହଜ କରିବା ଉଦ୍ଦେଶ୍ୟରେ କେନ୍ଦ୍ରୀୟ ସୂଚନାର ସ୍ୱାଧିନତା ଆଇନ୍‌୨୦୦୨ରେ ନିର୍ଦ୍ଦେଶିତ ହୋଇଥିବା ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ବିଚାର ବିଭାଗ, ବ୍ୟବସ୍ଥାପକ ସଭା ତଥା ପ୍ରଶାସନ ଉପରେ ଜନମତର ଚାପ ସୃଷ୍ଟି କରିବାକୁ ପଡ଼ିବ । ନଚେତ୍ ଅତୀତର ବହୁ ପ୍ରଗତିଶୀଳ ଆଇନ୍ ଭଳି ଏହା ବି କାଗଜକଲମରେ ଅଟକିଯିବ ।

୫) ସର୍ବୋପରି, ସ୍ୱଚ୍ଛତାର-ପରିପନ୍ଥୀ ହୋଇଥିବା, ସମ୍ବିଧାନରେ ଥିବା ଗୋପନୀୟତାର ଶପଥ ବ୍ୟବସ୍ଥାକୁ ଉଚ୍ଛେଦ କରିବାପାଇଁ ସାଂସଦ, ବିଧାୟକ ଓ ଜନସାଧାରଣଙ୍କ ମଧ୍ୟରେ ଜନମତ ଗଢ଼ି ତୋଳିବାକୁ ପଡ଼ିବ ।

**Chitta Ranjan Behera, 4A Jubilee Tower, Choudhury Bazar, Cuttack-9**
**Tel: 0671-2623518, Email: chittabehera@rediffmail.com**